# ସଚେତନ ହୁଅ, ସତର୍କ ରୁହ

**ନବରଙ୍ଗପୁର,୧୭।୩(ବି.ପ୍ର.)**

**କରୋନା ମୁକାବିଲା ପାଇଁ ପଦକ୍ଷେପ**
- ଚଢ଼ା ଦରରେ ମାସ୍କ ବିକ୍ରି ନ କରିବାକୁ ନିର୍ଦ୍ଦେଶ
- ଜନସମାଗମକୁ ବାରଣ
- ହେଲ୍ପଲାଇନ ନଂ ଜାରି
- ଗୁଜବ ପ୍ରଚାର କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

କରୋନା ଭାଇରସ୍ ସାରା ବିଶ୍ୱରେ ଜନସାଧାରଣଙ୍କୁ ବିଚଳିତ କରିଛି। ଏଭଳି ସ୍ଥଳେ କରୋନା ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାରେ କରୋନା ଭାଇରସ୍‌କୁ ନେଇ ଭୟଭୀତ ନହୋଇ ଆଗୁଆ ପଦକ୍ଷେପ ଓ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଜିଲାର କୌଣସି ବ୍ୟକ୍ତି ଶ୍ରାଦ୍ଧ, ବିବାହ, ବ୍ରତ ପାଇଁ ପୁରୀ ଯିବାକୁ ମନା କରାଯାଇଛି । କାରଣ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସିବା ସହ ବିଭିନ୍ନ ହୋଟେଲରେ ରହିଥାନ୍ତି ବୋଲି କହିଥିଲେ । ୧୪୪ (ଖ) ଅନୁଯାୟୀ ଜିଲାପାଳ ଆଦେଶନାମା ଜାରି କରିଛନ୍ତି। ନବରଙ୍ଗପୁର ଜିଲା ପରିସରରେ ଘର ବ୍ୟତୀତ ୫ ଜଣ ବ୍ୟକ୍ତି ଅନ୍ୟ କୌଣସି ସ୍ଥାନରେ ଏକତ୍ରିତ ହୋଇ ରହନ୍ତୁ ନାହିଁ । କଥା ହେବା ସମୟରେ ଦୂରତାକୁ ଦୃଷ୍ଟିରେ ରଖନ୍ତୁ । କୌଣସି ବୈଠକ ଗୃହରେ ୧ ମିଟର ଦୂରରେ ବସିବା ପାଇଁ ପରାମର୍ଶ ଦେଇଛନ୍ତି । ଆଖି, ମୁହଁ, କାନ, ନାକରେ ହାତ ମାରିବାରୁ ନିବୃତ୍ତ ରୁହନ୍ତୁ। ଅନ୍ୟପକ୍ଷେ ମଧୁମେୟ ରୋଗୀ, ବୟସାଧ ଲୋକ ମାନେ ମାସ୍କ ପିନ୍ଧିବା ଜରୁରୀ ବୋଲି କହିଥିଲେ । ମାସ୍କ ଗୁଡିକ ଚଢ଼ା ଦରରେ ନବିକିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କର୍ମଶାଳା, ସମ୍ମିଳନୀ, ପାଠଚକ୍ର କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ ଆଦେଶ ପ୍ରଦାନ କରାଯାଇଛି। ଧାର୍ମିକ ଉତ୍ସବ, ବାହାଘର ଭୋଜି ଭଳି ସାମାଜିକ ଜନସମାଗମକୁ ବାରଣ କରାଯାଇଛି। ରାଜନୈତିକ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ହୋଇପାରିବ ନାହିଁ। ଯେଉଁ କଲ୍ୟାଣ ମଣ୍ଡପରେ କୌଣସି କାର୍ଯ୍ୟକ୍ରମରେ ଜନସମାଗମ ହେବାର ଆଶଙ୍କା ଥାଏ ତାହାକୁ ଅନୁମତି ଦିଆଯିବ ନାହିଁ। ଋତୁ ପରିବର୍ତ୍ତନ ସମୟରେ ସାମାନ୍ୟ ଥଣ୍ଡା କାଶ ହୋଇଥାଏ । ଏହାକୁ ନେଇ କରୋନା ଭାଇରସ ହୋଇଛି ତାହା ସନ୍ଦେହ କରିବା ଠିକ ହେବ ନାହିଁ। ଘର ସମ୍ମୁଖରେ ହାତ ଧୋଇବା ପାଇଁ ସାବୁନ ଓ ସାନିଟାରୀ ରଖିବା ଏବଂ ପ୍ରତ୍ୟେକ ସମୟ ବ୍ୟବଧାନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି। ଥଣ୍ଡା, କାଶ, ଜ୍ୱର ଓ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ହେଲପ୍ ଲାଇନ ନମ୍ବର ୦୬୮୫୮ ୨୨୨୪୫୯, ମୋବାଇଲ ନଂ ୯୪୩୯୯୮୮୭୮୭, ୯୪୩୯୯୮୮୪୬୮କୁ ଯୋଗାଯୋଗ କରିପାରିବେ ବୋଲି କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମା ସ୍ୱାଇଁ କରୋନା ଭାଇରସ ଉପରେ ରହିଥିବା ସତର୍କତା, ସଚେନତତା ଉପରେ ବୁଝାଇଥିଲେ । ଗୁଜବ, ମିଥ୍ୟା ଖବର ପ୍ରକାଶ ଓ ଭାଇରାଲ ନକରିବା ପାଇଁ ଏସପି ନିତିନ କୁସଲକର ପରାମର୍ଶ ଦେଇଥିଲେ। ଗୁଜବ ଖବର, ସୋସିଆଲ ମିଡ଼ିଆରେ ଅପପ୍ରଚାର କାରୀଙ୍କ ପ୍ରତି କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଯେ କୌଣସି ବ୍ୟକ୍ତି ଏହାର ଅବମାନନା କଲେ ଆଇନ ଅନୁସାରେ ଦଣ୍ଡିତ ହେବେ। ବୈଠକରେ ଉପଜିଲାପାଳ ଭାସ୍କର ରଇତୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ଅନୁସୂଚିତ ଜାତି ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସନ ଅଣାକାର ଠାକୁର, ଅତିରିକ୍ତ ଜିଲାସ୍ୱାସ୍ଥ୍ୟ ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଏପିଡି ରତ୍ନାକର ସାହୁ ସମେତ ବିଡିଓ, ତହସିଲଦାର, ସିଡିପିଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଚଢ଼ା ଦରରେ ମାସ୍କ ବିକ୍ରିକୁ ନେଇ ଚଢ଼ାଉ



ଏକ ଔଷଧ ଦୋକାନରେ ମାସ୍କ ଯାଞ୍ଚ କରି ପୋଲିସ ଫେରୁଛନ୍ତି।

**ନବରଙ୍ଗପୁର,୧୭।୩(ବି.ପ୍ର.)–** ନବରଙ୍ଗପୁର ସହରର ବିଭିନ୍ନ ଔଷଧ ଦୋକାନରେ ମାସ୍କ ଗୁଡିକ ଏମଆରପି ଠାରୁ ଅଧିକ ଦରରେ ବିକ୍ରି ହେଉଛି। ଏହା ସହ ବିଭିନ୍ନ ଛକରେ ଜନସାମାଗମ, ଛାତ୍ରୀଛାତ୍ର ଟିୟୁସନ ଯାଉଥିବାର ଅଭିଯୋଗ ହୋଇଥିଲା। ତେବେ ଜିଲାପାଳ ଦେଇଥିବା ୧୪୪(୨)କୁ ପାଳନ କରିବା ପାଇଁ ନବରଙ୍ଗପୁର ପୋଲିସ କଡ଼ା ନଜର ରଖିଛି । ସ୍ଥାନୀୟ ସୌରାସାହି କଲ୍ୟାଣ ମଣ୍ଡପ ନିକଟରେ ଏକ ଟିଉସନ ଉପରେ ଚଢ଼ାଉ କରାଯାଇ ବନ୍ଦ କରାଯାଇଛି । ଉପଜିଲାପାଳ ଭାସ୍କର ରଇତୋ, ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନା ଅଧିକାରୀ ଅଧିକାରୀ, ଏଏସଆଇ ଅଶୋକ କୁମାର ଦେଓ, ଡାକ୍ତର ଦେବବ୍ରତ ଡାକୁଆ, ଅତିରିକ୍ତ ତହସିଲଦାର କେ.ସି. ଦାଶ ପ୍ରମୁଖ ଚଢ଼ାଉରେ ରହିଥିଲେ। ସେହିଭଳି ସହରର ବିଭିନ୍ନ ଔଷଧ ଦୋକାନରେ କେତେ ମାସ୍କ ରହିଛି ଓ କେଉଁ ଦରରେ ବିକ୍ରି କରାଯାଉଛି ତାହା ବୁଲି ଦେଖିଥିଲେ। ତେବେ ଗାନ୍ଧି ଛକ ନିକଟରେ ଏକ ଔଷଧ ଦୋକାନରେ ମାସ୍କ ନଥିବା ନେଇ ନୋ–ଷ୍ଟକ ବୋଲି ବୋର୍ଡ ଟାଙ୍ଗି ଭିତରେ ରଖିଥିଲେ। ଏହାକୁ ପୋଲିସ ଜବତ କରିଛି। ଉକ୍ତ ଦୋକାନ ଏମଆରପି ଠାରୁ ଚଢ଼ା ଦରରେ ମାସ୍କ ବିକ୍ରି କରୁଥିବା ଅଭିଯୋଗ ରହିଥିଲା।

## ୨ ବାଲ୍ୟବିବାହ ରୋକିଲା ପ୍ରଶାସନ

### ମାସେ ୫ ଦିନରେ ରୋକାଯାଇଛି ୩୨ଟି ନାବାଳିକା ବିବାହ

**ନବରଙ୍ଗପୁର/ପାପଡାହାଣ୍ଡି, ୧୭।୩(ବି.ପ୍ର./ଡି.ଏନ.ଏ.)**

ସଚେତନତା ସତ୍ତ୍ୱେ ନବରଙ୍ଗପୁର ଜିଲାରେ ଥମୁନି ବାଲ୍ୟ ବିବାହ। ମଙ୍ଗଳବାର ୨ ଟି ବାଲ୍ୟ ବିବାହ ହେଉଥିବା ବେଳେ ପ୍ରଶାସନ ପହଞ୍ଚି ଏହାକୁ ରୋକିବାରେ ସଫଳ ହୋଇଛି। ନବରଙ୍ଗପୁର ଜିଲା ବଡ ମସିଗାଁ ପଞ୍ଚାୟତ ଭାଟିଗାଁରେ ୨ ଟି ବାଲ୍ୟ ବିବାହ ରୋକିଛି। ଚାଇଲଡ ଲାଇନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସ୍ଥାନୀୟ ପୋଲିସର ଉଦ୍ୟମରେ ଏହି ବିବାହ ଗୁଡିକ ରୋକ ଲଗାଯାଇଛି। ୧୮ ବର୍ଷ ହେବା ପରେ ସେମାନଙ୍କ ବିବାହ କରାଯିବ ବୋଲି ରାଜିନାମା ଉଭୟ ପରିବାର ଲେଖିଥିଲେ। ଏକ ମାସ ୫ ଦିନ ମଧ୍ୟରେ ଜିଲାରେ ୩୨ ଟି ନାବାଳିକା ବିବାହ ରୋକିଛି ପ୍ରଶାସନ। କୋଷାଗୁମୁଡା ବ୍ଲକର ଭାଟିଗାଁରେ ଜଣେ ନାବାଳକ ଜଣେ ନାବାଳିକା ସହ ପ୍ରେମ ବିବାହ କରିଥିଲେ। ସେହିପରି ଭାଟିଗାଁର ଜଣେ ନାବାଳିକା କୋଷାଗୁମଡା ବ୍ଲକରେ ପ୍ରେମ ବିବାହ କରିଥିଲେ । ଖବର ପାଇ ଚାଇଲଡ ଲାଇନ ଜିଲା କୋର୍ଡିନେଟର ରବୀନ୍ଦ୍ର ପ୍ରଧାନ, ସଭ୍ୟ ଟଙ୍କ ଯାନୀ, ଗ୍ରେସି ଖରା, ସିଡିପିଓ ନଳିନୀ ନନ୍ଦ ପହଞ୍ଚି ଉଭୟ ପରିବାରକୁ ବୁଝାସୁଝା କରିବା ସହ ବାଲ୍ୟ ବିବାହ ରୋକିବା ଲାଗି ପଦକ୍ଷେପ ନେଇଥିଲେ । ସଚେତନ କରିବା ସହ ୧୮ ବର୍ଷ ପରେ ହିଁ ବିବାହ କରାଇବେ ବୋଲି ଲିଖିତ ପତ୍ର ଆଣିଥିଲେ । ୨ ନାବାଳିକାଙ୍କୁ ସେମାନଙ୍କ ଗ୍ରାମକୁ ପଠାଯାଇଥିଲା।

## ସଂକ୍ଷେପରେ

### ୪୭ ଲିଟର ମଦ ଜବତ, ୪ ଗିରଫ



**ନବରଙ୍ଗପୁର,୧୭।୩(ବି.ପ୍ର.)-** କୋଷାଗୁମୁଡା, ତେନ୍ତୁଳିଖୁଣ୍ଟି ଥାନା ଅଧିନ ବିଭିନ୍ନ ସ୍ଥାନରେ ଚଡାଉ କରାଯାଇ ୪୭ ଲିଟର ଦେଶି ରନ୍ଧାମଦ ଜବତ କରାଯାଇଛି। ଏଥିସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କୋଷାଗୁମୁଡା ଥାନା ଅଧିନ ଟେମରା ଗାଁର ନିଳାମ୍ବର କେଉଟଙ୍କ ଠାରୁ ୧୫ ଲିଟର, କୋଷାଗୁମୁଡାର ମାନା ଭତରାଙ୍କ ଠାରୁ ୧୪ ଲିଟର, ତେନ୍ତୁଳିଖୁଣ୍ଟି ଥାନା ଅଧିନ କୁସୁମି ଗାଁର ବେଦ ବିଷୋୟୀଙ୍କ ଠାରୁ ୯ ଲିଟର, ଭାରମପୁରଗାଁର ଗୁନୁ ଶବରଙ୍କ ଠାରୁ ୯ ଲିଟର ମଦ ଜବତ କରାଯାଇଛି । ଏନେଇ ପୃଥକ ୪ଟି ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଚଢ଼ାଉରେ ଇନ୍ସପେକ୍ଟର ବିପ୍ର ଚରଣ ମଣ୍ଡଳ, କୋଡିଙ୍ଗା ଏସଆଇ ବିଜୟ କୁମା ନାୟକ, ନବରଙ୍ଗପୁର ଏସଆଇ ଚିତରଞ୍ଜନ ପଟ୍ଟନାୟକ, ଏଏସଆଇ ଜଗବନ୍ଧୁ ଜାନୀ, ଖଗପତି ହରିଜନ, ସୁବ୍ରତ ହରିଜନ, ସଦାଶିବ ଭତରା, ରିସମା ସୁନା ପ୍ରମୁଖ ରହିଥିଲେ ।

### ଥାନା ପରିସରରୁ ୫ ଫୁଟର ନାଗସାପ ଉଦ୍ଧାର

**ନବରଙ୍ଗପୁର,୧୭।୩(ବି.ପ୍ର)-** ନବରଙ୍ଗପୁର ଥାନା ପରିସରରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ୫ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ତେବେ ଥାନାର ପଟିକୋରେ ଏକ ନାଗସାପ ଥିବା ପୋଲିସ କର୍ମଚାରୀ ଦେଖିଥିଲେ। ସଙ୍ଗେ ସଙ୍ଗେ ସାପ ଧରାଳି ଶେଖ ଇସମାଇଲକୁ ପୋଲିସ କର୍ମଚାରୀ ଖବର ଦେଇଥିଲେ। ସେ ପହଞ୍ଚି ସାପଟିକୁ ଧରି ଥାନା ବାହାରେ ଛାଡିଥିଲେ।





### ମାସ୍କ, ସାନିଟାଇଜର ଯୋଗାଇବା ଦାବି

**କାଶୀନଗର, ୧୭।୩(ଡି.ଏନ୍.ଏ.)** କରୋନା ଭାଇରସର ସଂକ୍ରମଣ ରୋକିବା ପାଇଁ ଗଜପତି ଜିଲାରେ ୧୪୪ ଜାରି ହୋଇଥିବାବେଳେ କାଶୀନଗରବାସୀଙ୍କୁ ମାସ୍କ କି ସାନିଟାଇଜର ମିଳୁନି। ବଜାରରେ ଏବେ ଏହାର କଳାବଜାରି କରାଯାଉଛି। ଆର୍ଥିକସ୍ତରରେ ସ୍ୱଚ୍ଛଳ ନ ଥିବା ଲୋକେ ଏହାକୁ କିଣି ପାରୁ ନାହାନ୍ତି। ସରକାରୀସ୍ତରରେ ମାସ୍କ, ସାନିଟାଇଜର ଯୋଗାଇବାକୁ ଦାବି ହୋଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ବନ୍ତ,୧୭।୩(ଡି.ଏନ୍.ଏ.)-** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ବନ୍ତ-ବାରିକପୁର ରାସ୍ତାର କେନ୍ଦୁଆପଦାଠାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଆପଦା ପଞ୍ଚାୟତ ଦଣ୍ଡୋ ଗ୍ରାମର ମଦନ ସେଠୀ(୪୦)। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ଜବତ କରି ଏକ ମାମଲା (ନଂ. ୧୮୭/୨୦ ) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ମଦନ ଏକ ବାଇକ ଯୋଗେ କେନ୍ଦୁଆପଦା ବଜାରରୁ ବାରିକପୁର ଅଭିମୁଖେ ଯାଉଥିବାବେଳେ ଅନ୍ୟ ଏକ ବାଇକ ତାଙ୍କୁ ପଛ ପାଖରୁ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତା ଉପରେ ପଡି ଅଚେତ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଅନ୍ୟ ବାଇକର ପତ୍ତା ମିଳି ନାହିଁ ବୋଲି ପୋଲିସ କହିଛି।

## କରୋନା ସମ୍ପର୍କିତ ସଚେତନତା ଦେଲେ ଜିଲାପାଳ, ଏସ୍‌ପି



ସଚେତନତା ବାର୍ତ୍ତା ପୋଷ୍ଟର ଟାଙ୍ଗିବାକୁ ଏକ ମେଡିସିନ ଷ୍ଟୋରକୁ ଜିଲାପାଳ ଓ ଏସପି ପରାମର୍ଶ ଦେଉଛନ୍ତି।

**ନବରଙ୍ଗପୁର,୧୭।୩(ବି.ପ୍ର.)–** ନବରଙ୍ଗପୁର ଜିଲାର ଏକ ମଲ ଖୋଲାଥିବା ଖବର ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ଅଜିତ କୁମାର ମିଶ୍ର ଓ ଏସପି ନୀତିନ କୁସଲକର ପହଞ୍ଚିଥିଲେ। ସେଠାରେ ପହଞ୍ଚି ମଲ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ପରେ ଏକ ସୁପର ମାର୍କେଟ ଯାଇ ଲୋକଙ୍କ ଭିଡ ଦେଖିବା ସହ ସେଠାରେ ଦୋକାନୀଙ୍କୁ କରୋନା ସମ୍ପର୍କରେ ସଚେନତ ହୋଇ ଅନ୍ୟକୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ପରେ ସହର ପରିକ୍ରମା କରି ଜନଗହଳି ସ୍ଥାନ ଦେଖିଥିଲେ । ଗାନ୍ଧିଛକ ନିକଟରେ ଥିବା ୨ଟି ମେଡିକାଲ ଷ୍ଟୋରକୁ ଯାଇଥିଲେ । ସେଠାରେ ସଚେତନତା ବାର୍ତ୍ତା ପୋଷ୍ଟର ଟାଙ୍ଗିବା ପାଇଁ କହିଥିଲେ । ମାସ୍କ ଗୁଡିକ ଏମଆରପିରେ ବିକ୍ରି କରିପାରିବେ ବୋଲି କହିଥିଲେ। ଏସଆଇ ଅମର ମିଶ୍ର ଡାକବାଜୀ ଯନ୍ତ୍ର ମାଧ୍ୟମରେ କରୋନା ସମ୍ପର୍କରେ ସଚେନତ କରାଇବା ସହ ଏକ ମିଟର ଦୂରତା ଅବଲମ୍ବନ କରି ରହିବା, ୪ ଜଣରୁ ଅଧିକ ବ୍ୟକ୍ତି ବିଶେଷ ଗୋଟିଏ ସ୍ଥାନରେ ନରହିବା ପାଇଁ କହିଥିଲେ । ଏହା ସହ ଜିଲାରେ ୧୪୪ ଧାରା ଜାରି କରାଯାଇଥିବା ଓ କରୋନା ସମ୍ପର୍କିତ ଯେଉଁ ସବୁ ନିର୍ଦ୍ଦେଶ ରହିଛି ତାହାକୁ ପାଳନ କରିବା ପାଇଁ ବାର୍ତ୍ତା ଦେଇଥିଲେ । ଜିଲାପାଳ ଓ ଏସପିଙ୍କ ସମେତ ଉପଜିଲାପାଳ ଭାସ୍କର ରଇତୋ, ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନା ଅଧିକାରୀ ଆର.ଏନ. ପ୍ରଧାନ, ଏସଆଇ ରାକେଶ ବେହେରା, ଏଏସଆଇ ଅଶୋକ କୁମାର ଦେଓ, ଅମର ମିଶ୍ର , କନଷ୍ଟେବଲ ଅନୀଲ ପୃଷ୍ଟି, ଡାକ୍ତର ଦେବବ୍ରତ ଡାକୁଆ, ଅତିରିକ୍ତ ତହସିଲଦାର କେ.ସି. ଦାଶ ପ୍ରମୁଖ ଚଢ଼ାଉରେ ରହିଥିଲେ ।

## କରୋନା ଭୟରେ ଅଦିନିଆ ବର୍ଷାକୁ ଉପଭୋଗ କଲେନି ଲୋକେ

**ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ମଙ୍ଗଳବାର ଅପରାହ୍ନରେ ପବନ ସହ ବର୍ଷା ହୋଇଥିଲା। ମେଘୁଆ ପାଗ, ବର୍ଷା ଓ ପବନ ଯୋଗୁ ଗ୍ରୀଷ୍ମଦାଉରୁ ଲୋକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। କିନ୍ତୁ କରୋନା ଭୟରେ ଲୋକେ ବର୍ଷା ଉପଭୋଗ କରିବାକୁ ବାହାରି ନ ଥିଲେ। କରୋନାରୁ ରକ୍ଷା ପାଇବା ପାଇଁ ସକାଳେ ପ୍ରାୟ ଏକ ଘଣ୍ଟା ଖରାରେ ଚଲାବୁଲା କରିବାକୁ ଲୋକଙ୍କୁ କୁହାଯାଉଛି। ଥଣ୍ଡାରେ କରୋନା ସମ୍ଭାବନା ଥିବାରୁ ବର୍ଷା ସମୟରେ ଲୋକେ ବାହାରକୁ ଯାଇ ନ ଥିଲେ।

## ସରକାରୀ କାର୍ଯ୍ୟାଳୟରେ କରୋନା ସତର୍କତା ନାହିଁ

**ଡାବୁଗାଁ, ୧୭।୩ (ଡି.ଏନ.ଏ.)**

ସାରା ବିଶ୍ୱରେ କାରୋନା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଓଡିଶାରେ ମଧ ଏହାକୁ ରାଜ୍ୟ ବିପତ୍ତି ଘୋଷଣା କରାଯାଇଛି । ରାଜ୍ୟ ସରକାର ସେଥିପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ନବରଙ୍ଗପୁର ଜିଲାପାଳ ସୋମବାର ଏହାର ମୁକାବିଲା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୌଣସି ସ୍ଥାନରେ ୪ ରୁ ୫ ଜଣ ଲୋକ ଏକତ୍ର ହେବା ଉପରେ ନିଷେଧାଦେଶ ଲାଗୁ କରିଛନ୍ତି । ସୋସିଆଲ ଦୂରତା ବଜାୟ ରଖିବା, ବାରମ୍ବାର ଭଲ ଭାବେ ସାବୁନରେ ହାତ ଧୋଇବାକୁ ସଚେତନ କରାଯାଉଛି।କିନ୍ତୁ ଡାବୁଗାଁର ବ୍ଲକ, ତହସିଲ, ଥାନା, ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ପ୍ରତ୍ୟେକ ଦିନ ଶହ ଶହ ଲୋକ ଆସୁଥିଲେ ମଧ କରୋନା ଭାଇରସ ସଚେତନତାପାଇଁ କୌଣସି ପୋଷ୍ଟର ଲଗାଯାଇନି କି ହାତ ଧୋଇବାର କୌଣସି ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇନାହିଁ । ଏନେଇ ଜିଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି। ପୂର୍ବରୁ ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫାଟକ ପାଖରେ ପାଣି ଓ ସାବୁନର ବ୍ୟବସ୍ଥା କରାଯାଇଥିଲା ଏବଂ ମଙ୍ଗଳବାର ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପାଣି ଓ ସାବୁନରେ ଲୋକେ ହାତ ଧୋଇ ବ୍ୟାଙ୍କ ଭିତରକୁ ଯାଉଥିବା ଦେଖିବାକୁ ମିଳିଛି।





ଡାବୁଗାଁ ଏସବିଆଇ ଭିତରକୁ ଲୋକମାନେ ହାତ ଧୋଇ ପ୍ରବେଶ କରୁଛନ୍ତି।

## ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ



ଖାଲଖମାରେ ପରିପୂର୍ଣ୍ଣ ରାସ୍ତା।

**ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହରର ସୁବାସ ନଗର ଛକରୁ ହାଟପଦା ଛକ ପର୍ଯ୍ୟନ୍ତ ନୂତନ ରାସ୍ତା ପ୍ରାୟ ବର୍ଷକ ତଳେ ତିଆରି କରାଯାଇଥିଲା। ଏହାର କିଛି ଦିନ ପରେ ସେହି ରାସ୍ତା ଖରାପ ହୋଇପଡିଥିଲା। ଉକ୍ତ ରାସ୍ତାରୁ ପିଚୁ ଉଠି ଖାଲଖମା ଆଦି ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅସରାଏ ବର୍ଷା ଫଳରେ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିଲା। ଖାଲଖମାରେ ପାଣି ଜମି ରହିଥିଲା। ରାସ୍ତାଟି ବସ୍‌ଷ୍ଟାଣ୍ଡରୁ ରେଳଷ୍ଟେଶନକୁ ସଂଯୋଗ କରୁଥିବାରୁ ଏହା ଉପରେ ଯାତ୍ରୀମାନେ ନିର୍ଭର କରିଥାନ୍ତି। ଫଳରେ ଯାତ୍ରୀମାନେ ବିଶେଷ ଅସୁବିଧା ଭୋଗିଥିଲେ। ପ୍ରତି ଶନିବାର ବସୁଥିବା ପାରଳାଖେମୁଣ୍ଡି ହାଟକୁ ଏହି ରାସ୍ତା ସଂଯୋଗ କରୁଛି। ବିଭିନ୍ନ ସମୟରେ ବେପାରୀମାନେ ଅସୁବିଧା ଭୋଗୁଛନ୍ତି। ରାସ୍ତାଟି ସାମୁଟିଆ, ରାଜଗୁରୁ, ଚିତ୍ରକାର ସାହିକୁ ସଂଯୋଗ କରୁଛି। ସହରର ଏହି ପ୍ରମୁଖ ରାସ୍ତାର ଏଭଳି ଅବସ୍ଥା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ‘କରୋନାକୁ ନ ଡରି ସଚେତନ ରୁହନ୍ତୁ’

## ଗଜପତିରେ ୧୪୪

**ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅନୁପମ ଶାହା ଏକ ଖବରଦାତା ସମ୍ମିଳନୀ କରିଛନ୍ତି। କରୋନା ଭାଇରସ୍ ସଂକ୍ରମଣକୁ ରୋକିବାକୁ ପ୍ରଶାସନ ପ୍ରସ୍ତୁତ ଓ ଏ ଦିଗରେ ତୀକ୍ଷ୍ଣ ନଜର ରଖିଛି ବୋଲି ସେ କହିଛନ୍ତି। କରୋନାକୁ ନ ଡରି ସତର୍କତା ଅବଲମ୍ବନ କରିବାକୁ ଜିଲାପାଳ କହିଛନ୍ତି।

ଚୈତ୍ର ମାସ ହେତୁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ କାର୍ଯ୍ୟକ୍ରମ ରହିଛି, ସେଗୁଡିକୁ ବନ୍ଦ କରିବାପାଇଁ ପଦକ୍ଷେପ ନିଆଯାଇଛି। ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ଅଧିକ ଜନଗହଳି ହେବାର ସମ୍ଭାବନା ରହିଥିବାରୁ ସେଗୁଡିକ ଉପରେ ରୋକ ଲଗାଯାଇଛି। ରାଜନୈତିକ ଦଳ ପକ୍ଷରୁ ସଭା ସମିତି, ଶୋଭାଯାତ୍ରା ଉପରେ ପ୍ରଶାସନ ରୋକ ଲଗାଇଛି। ଅନ୍ୟପକ୍ଷରେ ବିବାହ, ବ୍ରତ ଆଦି ସାମାଜିକ କାମରେ ଯଥାସମ୍ଭବ ଅଳ୍ପ ଲୋକଙ୍କୁ ନେଇ କାମ କରାଇବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଶାସନିକ ଅଧିକାରୀମାନେ ସମସ୍ତ ଯାଞ୍ଚ କରିବାପରେ ବିବାହ, ବ୍ରତ କାର୍ଯ୍ୟକୁ ଅନୁମତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନାର ଭୟାବହତାକୁ ନଜରରେ ରଖି ଗଜପତି ଜିଲାରେ ୧୪୪ ଧାରା ଲାଗୁ କରାଯାଇଛି। ସାଧାରଣ ସ୍ଥାନରେ ୫ରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ ବୋଲି ଜିଲାପାଳ କହିଛନ୍ତି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନରେ ଭିଡ଼ ନ ଜମାଇବାକୁ ଲୋକଙ୍କୁ ସଚେତନ କରାଯାଇଛି। ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲରେ ପରୀକ୍ଷା ସ୍ଥଗିତ ରହିଛି। ଯେ କୌଣସି ସ୍ଥାନରେ ଜନଗହଳି ଦେଖାଗଲେ କିମ୍ବା ସାଧାରଣ ସ୍ଥାନରେ ଭୋଜି ଭାତ କରି ଗହଳି ସୃଷ୍ଟି କଲେ, ଏ ନେଇ ଜିଲାରେ ଗଠିତ ବିଭିନ୍ନ ସ୍କ୍ୱାଡ୍‌କୁ ଜଣାଇବାକୁ ଦାବି ହୋଇଛି। ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଇଥିବା ନେଇ ଖବରଦାତା ସମ୍ମୀଳନୀରେ କୁହାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ।

## ଖୋଲାଥିବା ସ୍କୁଲ, କଲେଜ ବନ୍ଦ କଲା ପ୍ରଶାସନ

### ମଲ୍, ଭୋଜିସ୍ଥଳ ପରିଦର୍ଶନ କରି ଲୋକଙ୍କୁ ସଚେତନ କରାଗଲା



ଏକ ଭୋଜିସ୍ଥଳରେ ପ୍ରଶାସନ ଓ ପୋଲିସ ଅଧିକାରୀ ଲୋକଙ୍କୁ ସଚେତନ କରୁଛନ୍ତି।

**କାଶୀନଗର, ୧୭।୩(ଡି.ଏନ୍.ଏ.)** କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଜାରି କରିଥିବା ଆଇନ ପାଳନ କରିବାକୁ କାଶୀନଗର ତହସିଲଦାର ତଥା ନୋଡାଲ ଅଫିସର ଶାନ୍ତିସ୍ୱରୂପ ମିଶ୍ର ଓ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ବିଭିନ୍ନ ସ୍କୁଲ, କଲେଜ, ମଲ୍, ସାମୂହିକ କାର୍ଯ୍ୟ, ଭୋଜିସ୍ଥଳ ପରିଦର୍ଶନକରି ଲୋକମାନଙ୍କୁ ସଚେତନ କରିଛନ୍ତି। ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଖୋଲାଥିବା ସ୍କୁଲ କଲେଜକୁ ବନ୍ଦ କରାଯାଇଥିଲା। ଭବିଷ୍ୟତରେ ଏଭଳି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀମାନେ କହିଥିଲେ। କାଶୀନଗର ଅଞ୍ଚଳର ବହୁ ଶ୍ରମିକ ମାଡ୍ରାସ, ରାଜମହେନ୍ଦ୍ରି, ମାଙ୍ଗାଲୋରରେ କାମ କରୁଥିବାବେଳେ ଏବେ ସେମାନେ ଘରକୁ ଫେରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତାଙ୍କର ମଧ ସ୍ୱାସ୍ଥ୍ୟପରୀକ୍ଷା କରିବାକୁ ଦାବି ହୋଇଛି। କେତେକ ଜାଗାରେ ଚାଲିଥିବା ଭୋଜିକୁ ପ୍ରଶାସନ ବନ୍ଦ କରିଛି। ସ୍ୱାସ୍ଥ୍ୟ ବିଭାଗ, ଏନ୍‌ଏସି, ବ୍ଲକ କର୍ମଚାରୀ ପ୍ରଚାର ପ୍ରସାର କରୁ ନ ଥିବାରୁ ଏଭଳି ଭୋଜି ହେଉଛି ବୋଲି ଅଭିଯୋଗ ହୋଇଛି। ବାହାରୁ ଆସୁଥିବା ଯାତ୍ରୀଙ୍କୁ ଚିହ୍ନଟ କରାଯାଉନାହିଁ। ଆନ୍ଧ୍ର–ଓଡିଶା ସୀମାରେ କରୋନା ନିରୀକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଦାବି କରାଯାଇଛି। ରେଳଷ୍ଟେଶନରେ ପ୍ରଚାରପତ୍ର ଲଗାଯାଉ ନାହିଁ।

## ଫ୍ଲାଗମାର୍ଚ୍ଚ କରି ଲୋକଙ୍କୁ ସଚେତନ କଲା ପୋଲିସ

**ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)**

କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ୧୪୪ ଧାରା ଲାଗୁ କରିବା ପରେ ପାରଳାଖେମୁଣ୍ଡି ପୋଲିସ ଫ୍ଲାଗମାର୍ଚ୍ଚ କରି ଲୋକଙ୍କୁ ସଚେତନ କରିଛି। ସହରର ବିଭିନ୍ନ ସ୍ଥାନରେ ଅଯଥା ଗହଳି ନ କରିବା ପାଇଁ ସଚେତନ କରାଯାଇଛି। ୧୪୪ ଧାରା ଲାଗୁ ପରେ କୌଣସି ସାଧାରଣ ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହୋଇ ପାରିବେନି ବୋଲି ପୋଲିସ କହିଛି। ସେହିଭଳି ଦୋକାନରେ ଯେଭଳି ଅଧିକ ଭିଡ଼ ନ ଜମିବ ସେ ନେଇ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି। ଯଦି କେହି ଜାଣିଶୁଣି ଏସବୁ କାର୍ଯ୍ୟ କରନ୍ତି, ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ସଚେତନ କରାଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ପୋଲିସ ଏହି ବାର୍ତ୍ତା ପ୍ରଚାର କରିଛି। ସ୍ଥାନୀୟ କଲେଜ ଛକରୁ ପୋଲିସର ଏହି ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ବଜାର ଛକ, ପୁରୁଣା ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲା। ଏହି ଫ୍ଲାଗମାର୍ଚ୍ଚରେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ପ୍ରମୁଖଙ୍କ ସହ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଞ୍ଜୀକୃତ ହୋଇଛନ୍ତି ୭୮,୭୯୩ ଶ୍ରମିକ

ଜୟପୁର,୧୭।୩(ନି.ପ୍ର.): କୋରାପୁଟ ଜିଲାର ସମସ୍ତ ୧୪ଟି ବ୍ଲକରେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କ ପଞ୍ଜୀକରଣ ଜାରି ରହିଛି। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୦ ମାର୍ଚ୍ଚ ୧୧ ସୁଦ୍ଧା ଜିଲାରେ ୭୮ ହଜାର ୭୯୭ ଜଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ଏହି ଶ୍ରମଜୀବୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ଆର୍ଥିକ ପ୍ରୋତ୍ସାହନ ଉପରେ ଜିଲା ଶ୍ରମ ବିଭାଗ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେଥିରେ ପଞ୍ଜୀକରଣ କରିଥିବା ଶ୍ରମଜୀବୀଙ୍କୁ ଚିହ୍ନଟ କରାଯାଇ ୩୩ ହଜାର ୧୮୧ ଜଣଙ୍କୁ ଶ୍ରମ ଯନ୍ତ୍ରପାତି, ପିଲାଙ୍କ ପାଠପଢ଼ା, ମୃତ୍ୟୁକାଳୀନ ସହାୟତା, ସାଇକେଲ ପାଇଁ ସମୁଦାୟ ୧୫ ଲକ୍ଷ ୫୨ ହଜାର ୩ ଶହ ୧୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କିନ୍ତୁ ବହୁ ଶ୍ରମିକ ଏଯାବତ୍ ପଞ୍ଜିକୃତ ହୋଇ ନ ଥିବାବେଳେ ସରକାରୀ ଯୋଜନାରେ ସାମିଲ ମଧ ହୋଇପାରି ନାହାନ୍ତି। ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କଠାରୁ ଦେଢ଼ଗୁଣା ଅଧିକ ଶ୍ରମିକ ଶ୍ରମଜୀବୀ ହୋଇ ମଧ ପଞ୍ଜିକୃତ ହୋଇପାରି ନାହାନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରିକ୍ସା ଚାଳକ, ଟ୍ରଲି ଚାଳକ, ଅଟୋ ଚାଳକ, ଖବରକଗଜ ବିକ୍ରେତାଙ୍କୁ ସାମିଲ କରିବାକୁ ଦାବି ହୋଇଛି। ଏନେଇ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଶ୍ରମିକଙ୍କ ପଞ୍ଜିକରଣ ଜାରି ରହିଛି। ଅଟୋ ଚାଳକ, ଖବରକାଗଜ ବିକ୍ରେତା ଭଳି ଶ୍ରମିକଙ୍କୁ ସଂଗଠିତ ଶ୍ରମିକ ସାମାଜିକ ନିରାପତ୍ତା ଆଇନରେ ସାମିଲ କରାଯାଉଛି।

### ସ୍ବଚ୍ଛତା ନ ଥିଲେ ମାଂସ ଦୋକାନ ଲାଇସେନ୍ସ ରଦ୍ଦ ହେବ

ଜୟପୁର,୧୭।୩(ଡି.ଏନ୍.ଏ.): ଜୟପୁର ଦ୍ୱିତୀୟ ଦୈନିକ ବଜାର ଆମିଷ ଦୋକାନୀ ଓ ସହରର ଅନ୍ୟ ସ୍ଥାନରେ ରହିଥିବା ମାଂସ ଦୋକାନୀ ନିଜ ଦୋକାନ ଓ ଆଖାପାଖ ପରିବେଶ ସଫା ରଖିବା ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛି ପୌରସଂସ୍ଥା। ଏହାସହ ଛେଳି, ମେଣ୍ଢା ମୁଣ୍ଡକୁ ଯେଉଁଭଳି ଭାବେ ଖୋଲାରେ ନିଆଁରେ ପୋଡ଼ାଯାଉଛି, ତାହା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ଏହିପରି ମୁଣ୍ଡ ନିଆଁରେ ପୋଡ଼ିବା ଦ୍ୱାରା ଦୁର୍ଗନ୍ଧ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ତେଣୁ ମାଂସ ଦୋକାନୀ ଓ ବ୍ୟବସାୟୀ ତୁରନ୍ତ ନିର୍ଦ୍ଦେଶ ପାଳନ କରିବା ପାଇଁ କୁହାଯାଇଛି। ଅନ୍ୟଥା ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସଂପୃକ୍ତ ବ୍ୟବସାୟୀଙ୍କ ଦୋକାନ ଲାଇସେନ୍ସ ରଦ୍ଦ କରାଯିବ। ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ସହାୟତାରେ ମଙ୍ଗଳବାର ପୌରସଂସ୍ଥା ଆମିଷ ବଜାର ଓ ସହରର ଅନ୍ୟ ଦୋକାନୀଙ୍କୁ ଏନେଇ ନିର୍ଦ୍ଦେଶନାମା ବିଷୟରେ ଅବଗତ କରାଇଛି।

# ଦାଣ୍ଡରେ ବିତୁଛି ପ୍ରତିଷ୍ଠିତ ମିଲ୍ ମାଲିକଙ୍କ ଜୀବନ

## ସରକାରୀ ଚଞ୍ଚକତା ଅଭିଯୋଗ

ଜୟପୁର,୧୭।୩(ନି.ପ୍ର.)

ଜୀବନରେ ଅଭାବ କ'ଣ ଜଣା ନ ଥିଲା। ପାଖରେ ଥିଲା ୨୫ ଏକର ଚାଷଜମି, ଜାତୀୟ ରାଜପଥ କଡ଼ରେ ଅନେକ ଦୋକାନଘର ସାଙ୍ଗକୁ ଧାନ ମିଲ୍। ଏସବୁ ସମ୍ପତ୍ତିର ମାଲିକ ଥିବା ଦମ୍ପତି ଏବେ ନିଃସ୍ୱ। ଯୋଗାଣ ବିଭାଗର ଚଞ୍ଚକତା ଯୋଗୁ ଏଭଳି ଦଶା ଭୋଗିବାକୁ ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି।

କୋରାପୁଟ ନୂଆଗାଁର ଦମୟନ୍ତୀ ମହାପାତ୍ର। ବୟସ ପାଖାପାଖି ୭୫ ହେବ। ତାଙ୍କ ସ୍ୱାମୀ ୮୦ ବର୍ଷୀୟ ସୁବାସ ମହାପାତ୍ର। ପରିଣତ ବୟସରେ ଜୀବନର ଶେଷ ସମୟ ଏମିତି ଅଭିଶପ୍ତ କଟିବ ବୋଲି ସେମାନେ ଆଶା କରି ନ ଥିଲେ। ଅଭାବ ବୋଲି କିଛି ନ ଥିଲା। ବୋରିଗୁମ୍ମା ନିକଟସ୍ଥ ନୂଆଗାଁରେ ଏମାନଙ୍କ ଗୋଟିଏ ଧାନ ମିଲ ସହ ୨୫ ଏକର ଚାଷଜମି ଓ ଜାତୀୟ ରାଜପଥ କଡ଼ରେ ଅନେକ ଦୋକାନ ଘର ବି ଥିଲା। କିନ୍ତୁ ଦୁର୍ଭାଗ୍ୟ, ୩ ବର୍ଷ ହେଲା ମିଲଠାରୁ ଆରମ୍ଭ କରି ସବୁ ଦୋକାନ ଘରେ ତାଲା ଝୁଲୁଛି।


ଦମୟନ୍ତୀ ମହାପାତ୍ର


ସୁବାସ ମହାପାତ୍ର

ଏହି ତାଲା ଅନ୍ୟ କେହି ନୁହେଁ, ବରଂ ପ୍ରଶାସନ ମାରିଛି। ସେହିପରି ଜମିଗୁଡ଼ିକୁ ମଧ ପ୍ରଶାସନ ନିଜ ଦଖଲକୁ ନେଇଛି। ଏହା ପରେ ପରିସ୍ଥିତି ଏମିତି ହେଲା ଯେ ଏମାନେ ନିଜ ଗାଁ ଛାଡ଼ି ଏବେ ଜୟପୁରରେ ଜଣେ ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। କିଏ ଦେଲେ ଖାଉଛନ୍ତି, ନ ହେଲେ ନାହିଁ। ଏତେ ସମ୍ପତ୍ତିର ମାଲିକ ଥିବା ଏହି ଦମ୍ପତି ବୟସାଧିକ କାରଣରୁ ନିଜ ସମସ୍ତ ସମ୍ପତ୍ତି ନିଜ ପୁଅମାନଙ୍କୁ ତଦାରଖ ପାଇଁ ଦେଇଥିଲେ। ସାନପୁଅଙ୍କୁ ମିଲର ପାୱାର ଅଫ ଆଟର୍ଣ୍ଣି ଓ ମଝିଆ ପୁଅଙ୍କୁ ଚାଷଜମିର ମାଲିକାନା ୨୦୧୩ରେ ଦେଇଥିଲେ। ଆଉ ଏହିଠାରୁ ହିଁ ଯୋଗାଣ ବିଭାଗ ସହ ଏମାନଙ୍କ ବିବାଦ ଆରମ୍ଭ ହୋଇଥିଲା। ଯାହା ପାଇଁ ପୂରା ପରିବାର ଏବେ ସର୍ବସ୍ୱାନ୍ତ। ପରିବାରର ଅଭିଯୋଗ ହେଉଛି, ୨୦୧୩ରେ ଧାନ ଯୋଗାଇବାକୁ ସେମାନଙ୍କ ଦମୟନ୍ତୀ ରାଇସ ମିଲ ଯୋଗାଣ ବିଭାଗ ଚୁକ୍ତି କରି ନ ଥିଲା। କିନ୍ତୁ ଯୋଗାଣ ବିଭାଗ ସେମାନଙ୍କୁ ୮ ହଜାର କୁଇଣ୍ଟାଲ ଧାନ ଯୋଗାଇଥିବା ଜାଲ ଦସ୍ତାବିଜ ପ୍ରସ୍ତୁତ କରି ପାଖାପାଖି ଦେଢ କୋଟି ଟଙ୍କା ବକେୟା ଦାବି କରିଥିଲା। ଏହି ଅର୍ଥ ସେମାନେ ଦେଇ ନ ପାରିବାରୁ ମିଲରେ ତାଲା ମାରିଛି ଯୋଗାଣ ବିଭାଗ। କେବଳ ଏତିକି ନୁହଁ ଚାଷଜମି ବି ପ୍ରଶାସନ ନିଜ ଦଖଲକୁ ନେବା ସହ ବିନା ଦୋଷରେ ତାଙ୍କ ମଝିଆ ଭାଇଙ୍କ ରହିବା ଘର ଓ ଦୋକାନରେ ବି ତାଲା ପକାଇଛି। ଏହି ମାମଲା ଏବେ ଆର୍‌ଡିସିଙ୍କ ପାଖରେ ବିଚାରାଧୀନ ରହିଛି। କୋର୍ଟଙ୍କ ରାୟ ଆସିବା ପରେ ହିଁ ସବୁ ସ୍ପଷ୍ଟ ହୋଇପାରିବ, ତା' ପୂର୍ବରୁ ଦସ୍ତାବିଜ ଜାଲ୍ ବୋଲି କହିହେବନି ବୋଲି କହିଛନ୍ତି ଜିଲା ଯୋଗାଣ ଅଧିକାରୀ।

# ସ୍କୁଲ, ହଷ୍ଟେଲରେ ଖୋଲିଲା ଆଇସୋଲେଶନ ସେଣ୍ଟର

ଦଶମନ୍ତପୁର, ୧୭।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଶୋଭା କକ୍ଷରେ କରୋନା ସଂକ୍ରମଣକୁ କିପରି ରୋକାଯାଇ ପାରିବ ସେ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଡ଼ମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ପ୍ରତିନିଧି ରୁପକ ତୁରୁକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନାଧିକାରୀ କ୍ଷୀରେଶ୍ୱର ସାହୁ, ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଗ୍ରାମାଞ୍ଚଳ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ଜରୁରୀ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଲୋକଙ୍କ ସହ ହାତ ନ ମିଳାଇ ନମସ୍କାର କରିବାକୁ ଥାନାଧିକାରୀ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କୁ କାଶ, ଛିଙ୍କ ଆଦି ହୋଇଛି ସେମାନଙ୍କଠାରୁ ଦୂରତା ଅବଲମ୍ବନ କରିବାକୁ ତହସିଲଦାର କହିଛନ୍ତି। ବାହାର ରାଜ୍ୟରୁ ଆସିଥିବା ବ୍ୟକ୍ତି ଓ କରୋନା ଲକ୍ଷଣ ଦେଖାଯାଉଥିବା ଲୋକଙ୍କ ସମ୍ପର୍କରେ ବିଡିଓ, ଥାନାଧିକାରୀ, ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁଙ୍କୁ ସୂଚନା ଦେବାକୁ ତହସିଲଦାର କହିଛନ୍ତି। ବ୍ଲକର କେତେକ ପଞ୍ଚାୟତର ବିଦ୍ୟାଳୟ ଏବଂ ହଷ୍ଟେଲରେ "ଆଇସୋଲେସନ ସେଣ୍ଟର" ଖୋଲାଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ରୋଗକୁ ନ ଡରି ସଚେତନ ହୋଇ ଏକାଠି ଏହାର ମୁକାବିଲା କରିବାକୁ ଉପସ୍ଥିତ ଅଧିକାରୀମାନେ ଶପଥ ନେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଓ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ଶିଶୁ ବିକାଶ କାର୍ଯ୍ୟାଳୟରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ କରୋନା ସମ୍ପର୍କିତ ଅନ୍ୟ ଏକ ସଚେତନତା ବୈଠକ ସିଡିପିଓ ନମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦିଆଯାଇଛି।

# କରୋନା ସତର୍କତା ଆପଣେଇଲେ ପରୀକ୍ଷାର୍ଥୀ

## ଶ୍ରମ ବିଭାଗ ଜଗିଲା ବସ୍‌ଷ୍ଟାଣ୍ଡ, ଷ୍ଟେଶନ

ଜୟପୁର,୧୭।୩(ଡି.ଏନ୍.ଏ.)

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ୨ ବିଜ୍ଞାନ ପରୀକ୍ଷାର ରସାୟନ ବିଜ୍ଞାନ ସିଟିଂ ଥିଲା। ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେବା ପୂର୍ବରୁ କରୋନା ପାଇଁ ସତର୍କତା ଆପଣେଇଥିବା ଦେଖିବାକୁ ମିଳିଛି। ଡ. ଗୋପାଳ ହାଲଦାରଙ୍କ ଉପସ୍ଥିତିରେ ସମସ୍ତ ଛାତ୍ରୀଛାତ୍ର ସାନିଟାଇଜର ଲଗାଇ ହାତ ସଫା କରିବା ପରେ ପରୀକ୍ଷା କକ୍ଷକୁ ପଶିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲା ଶ୍ରମ ବିଭାଗର ଅଧିକାରୀ ଓ କର୍ମଚାରୀ ମାସ୍କ ପିନ୍ଧି ଜୟପୁର ଘରୋଇ ଓ ସରକାରୀ ବସଷ୍ଟାଣ୍ଡ, ଷ୍ଟେଶନ ଯାଞ୍ଚ କରିଥିଲେ। ଆନ୍ଧ୍ରପ୍ରଦେଶର ବିଜୟାୱାଡ଼ା ସରକାରୀ ବସ୍‌ରୁ ୨ଜଣ ଓ ହୀରାଖଣ୍ଡ ଟ୍ରେନରେ


ପରୀକ୍ଷା କେନ୍ଦ୍ରରେ ପଶିବା ପୂର୍ବରୁ ହାତ ଧୋଉଛନ୍ତି ଛାତ୍ରୀ।

୭ ଜଣ ଶ୍ରମିକ ଫେରିଥିଲେ। ସେମାନେ ସମସ୍ତେ ନବରଙ୍ଗପୁର ଜିଲାର ବାସିନ୍ଦା ହୋଇଥିବା ଯୋଗୁ ସମସ୍ତଙ୍କୁ ପ୍ରାଥମିକ ପଚରାଉଚରା ପରେ ନିଜ ଜିଲାର ଶ୍ରମ ବିଭାଗକୁ ଉକ୍ତ ଶ୍ରମିକଙ୍କ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଛି। ନବରଙ୍ଗପୁର ଜିଲାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବ ବୋଲି କୋରାପୁଟ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବୁଧବାର ସହରରେ ଥିବା କଲ୍ୟାଣମଣ୍ଡପ ଗୁଡିକ ବନ୍ଦ କରାଯିବ ବୋଲି ଜଣାପଡିଛି।

# ରାମନବମୀ ପ୍ରସ୍ତୁତି

ଦାମନଯୋଡି, ୧୭।୩(ଡି.ଏନ୍.ଏ.)

ନାଲ୍‌କୋ ଟାଉନଶିପ୍ ସେକ୍ଟର-୧ ମାରୁତି ମଣ୍ଡପରେ ଚଳିତ ବର୍ଷ ରାମ ନବମୀ ଉତ୍ସବ ପାଳନ କରାଯିବ। ଏଥିପାଇଁ ସୋମବାର ମା' ଦୁର୍ଗାଙ୍କ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କରୋନା ସଂକ୍ରମଣକୁ ଆଖିଆଗରେ ରଖି ଚଳିତ ବର୍ଷ କେବଳ ପୂଜା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବ୍ରହ୍ମପୁରରୁ ପୂଜକଙ୍କୁ ଆଣିବାକୁ ବୈଠକରେ ସ୍ଥିର କରାଯାଇଛି। ସାମୂହିକ ଅନ୍ନଭୋଜନ କାର୍ଯ୍ୟକ୍ରମକୁ ଏଥର ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆର୍.କେ. କାନୁନ୍‌ଗୋ, ସୋମନାଥ ନାୟକ, କୃଷ୍ଣଚନ୍ଦ୍ର ପରିଡ଼ା, ଶିଶିର ମିଶ୍ର, ସଞ୍ଜୟ ବାରିକ, ଶ୍ରୀ ପ୍ରସାଦ, ପି.କେ. ବେହିଦାର, ରବୀନ୍ଦ୍ର ଜେନା ଓ ସୁଶାନ୍ତ ଦାସ ଉପସ୍ଥିତ ଥିଲେ।

# ପିଲାଙ୍କୁ ନେବାକୁ ହଷ୍ଟେଲରେ ଅଭିଭାବକଙ୍କ ଭିଡ଼

## କରୋନା ସଂକ୍ରମଣ ଆଶଙ୍କାରେ ଛାଡ଼ିଲେନି କର୍ତ୍ତୃପକ୍ଷ

ପଟ୍ଟାଙ୍ଗି,୧୭।୩(ଡି.ଏନ୍.ଏ)

କରୋନା ସଂକ୍ରମଣ ରୋକିବାକୁ ଏବେ ସମସ୍ତ ସ୍କୁଲ, କଲେଜ ବନ୍ଦ କରାଯାଇଛି। କିନ୍ତୁ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଅଧୀନରେ ରହିଥିବା ସେବାଶ୍ରମ, କନ୍ୟାଶ୍ରମ ତଥା ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କୁ ଛୁଟି ମିଳିନି। ତେବେ ପିଲାଙ୍କୁ ନେବା ପାଇଁ ହଷ୍ଟେଲ ସମ୍ମୁଖରେ ଅଭିଭାବକମାନେ ଭିଡ଼ ଲଗାଇଛନ୍ତି। ପ୍ରଶାସନିକ ସ୍ତରରେ ପିଲାଙ୍କୁ ଘରକୁ ପଠାଇବାକୁ ନିର୍ଦ୍ଦେଶ ନାହିଁ ବୋଲି ହଷ୍ଟେଲ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିଭାବକଙ୍କୁ କହିଥିଲେ। ଫଳରେ ଅଭିଭାବକମାନେ ଘରକୁ ନିରାଶ ହୋଇ ଫେରୁଛନ୍ତି। ପଟ୍ଟାଙ୍ଗି ବ୍ଲକରେ ଥିବା ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗର ୧୧ ଓ ଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୪ଟି ବିଦ୍ୟାଳୟ ହଷ୍ଟେଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ପିଲମାନେ ହଷ୍ଟେଲ ପାଚେରୀ ଡେଇଁ ବାହାରେ ବୁଲୁଥିବା ଅଭିଯୋଗ ମଧ ଆସିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ଛାତ୍ରୀଛାତ୍ର କିମ୍ବା ଅନ୍ତେବାସୀ ଘରକୁ ଯାଇଛନ୍ତି ସେମାନେ ହଷ୍ଟେଲକୁ ଫେରିବେ ନାହିଁ। ଯେଉଁମାନେ ଅଛନ୍ତି ସେମାନେ ହଷ୍ଟେଲରେ ହିଁ ରହିବେ। ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। ହଷ୍ଟେଲରେ ଛାତ୍ରୀଛାତ୍ର ସୁରକ୍ଷିତ ରହିବେ ବୋଲି ସେ କହିଛନ୍ତି।

# ରାସ୍ତାରେ ମୃତଦେହ ଓହ୍ଲାଇ ଫେରିଗଲା ବୋଲେରୋ

ଦଶମନ୍ତପୁର,୧୭।୩ (ଡି.ଏନ୍.ଏ.)

ଦେହ ଖରାପ ଥିବାରୁ ଝଡାଫୁଙ୍କା ପାଇଁ ଯାଉଥିବା ଜଣେ ରୋଗୀଙ୍କର ବାଟରେ ମୃତ୍ୟୁ ହୋଇଥିଲା। ଏଭଳି ପରିସ୍ଥିତିରେ ଉକ୍ତ ରୋଗୀ ଓ ତାଙ୍କ ପରିବାରକୁ ନେଇ ଯାଉଥିବା ବୋଲେରୋ ସେମାନଙ୍କୁ ଅଧାରାସ୍ତାରେ ଓହ୍ଲାଇ ଚାଲିଯିବା ଭଳି ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ଦୀର୍ଘ ଦେଢ ଘଣ୍ଟା ରାସ୍ତାରେ ମୃତଦେହ ଧରି ଅପେକ୍ଷା କରି ରହିବା ପରେ ପରିବାର ଲୋକେ ଏକ ଅଟୋ କରି ଗାଁକୁ ମୃତଦେହ ଆଣିଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଦଶମନ୍ତପୁର ବ୍ଲକ ଜାନିଗୁଡ଼ା ଗାଁର ମହେନ୍ଦ୍ର କନ୍ଧପାନ(୨୨)ଙ୍କ ସ୍ତ୍ରୀ କଳ୍ପନା ଏକ ଶିଶୁକୁ ଜନ୍ମ ଦେଇଥିଲେ। ପରେ ଶିଶୁଟିର ମୃତ୍ୟୁ ହୋଇଯିବାରୁ କଳ୍ପନା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ପଞ୍ଚାୟତ କୁନ୍ଦାର ଗ୍ରାମସ୍ଥିତ ବାପ ଘରକୁ ଚାଲି ଯାଇଥିଲେ। ସେବେଠାରୁ ମହେନ୍ଦ୍ର ଚିନ୍ତାରେ ରହୁଥିଲେ। କୁଲି କାମ କରି ପେଟ ପୋଷୁଥିବା ମହେନ୍ଦ୍ରଙ୍କ ଦେହ

**ହଜିଗଲା ମାନବିକତା**
- ରାସ୍ତାରେ ଦେଢ ଘଣ୍ଟା ପଡି ରହିଲା ମୃତଦେହ
- ଦିଶାରୀଙ୍କ ପାଖକୁ ନେଉଥିବାବେଳେ ବାଟରେ ରୋଗୀଙ୍କ ମୃତ୍ୟୁ ହୋଇଥିଲା


ମୃତଦେହ ଧରି ପରିବାର ଲୋକେ ରାସ୍ତାକଡ଼ରେ ଗାଡ଼ିକୁ ଅପେକ୍ଷା କରିଛନ୍ତି।

ହାତ ଫୁଲିବାରେ ଲାଗିଲା। ପରିବାର ଲୋକେ ତାଙ୍କୁ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ରୋଗ ଜାଣି ହଉନି କହି ଡାକ୍ତର ତାଙ୍କୁ ଫେରାଇ ଦେଉଥିବା ବେଳେ ପରିବାର ଲୋକେ ତାଙ୍କୁ ଘରେ ଦେଶୀ ଚିକିତ୍ସା କରାଉ ଥିଲେ। ସପ୍ତାହେ ହେଲା ମହେନ୍ଦ୍ର ଅଧିକ ଅସୁସ୍ଥ ଥିବାବେଳେ ମଙ୍ଗଳବାର ତାଙ୍କୁ ପରିବାର ଲୋକେ ବୋଲେରୋ କରି କାଶୀପୁରର ଜଣେ କାଳି ସାଧକଙ୍କ ନିକଟକୁ ନେଉଥିଲେ। କିନ୍ତୁ ବାଟରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏହା ଜାଣିବା ପରେ ବୋଲେରୋ ଚାଳକ ମହେନ୍ଦ୍ରଙ୍କ ମୃତଦେହ ସହ ପରିବାର ଲୋକଙ୍କୁ ଦଶମନ୍ତପୁର ବ୍ଲକ ବାଘଚେମା ଗାଁ ନିକଟ ଆମ୍ବତୋଟା ରାସ୍ତାରେ ଓହ୍ଲାଇଦେଇ ଚାଲି ଯାଇଥିଲେ। ମୃତଦେହକୁ ବୋହିକରି ନେବା ଅସମ୍ଭବ ଥିବାରୁ ପରିବାର ଲୋକେ ବାଧହୋଇ ରାସ୍ତାରେ ଅପେକ୍ଷା କରିଥିଲେ। ପରେ ଏକ ଅଟୋ ସାହାଯ୍ୟରେ ମୃତଦେହକୁ ଜାନିଗୁଡ଼ା ନିଆଯାଇଥିଲା।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୬୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920

